**ରାଜ୍ୟ ଅର୍ଥ କମିଶନ**

**ଓଡିଶା ସରକାର**

**ଅର୍ଥ ବିଭାଗ**

***

**ସଂଖ୍ୟା** 4305 **/ଏସ୍.ଏଫ୍.ସି. ତା.** 10.2.25

**ପ୍ରେରକ**

**ଡ. ଅରୁଣ କୁମାର ପଣ୍ଡା ,**

**ଅଧ୍ୟକ୍ଷ, ରାଜ୍ୟ ଅର୍ଥ କମିଶନ**

**ପ୍ରାପ୍ତେଷୁ,**

**ସମସ୍ତ ମାନ୍ୟବର ସାଂସଦ /**

**ସମସ୍ତ ମାନ୍ୟବର ବିଧାନସଭା ସଦସ୍ୟା / ସଦସ୍ୟ**

**ବିଷୟ : ଷଷ୍ଠ ଓଡିଶା ଅର୍ଥ କମିଶନଙ୍କୁ ପରାମର୍ଶ / ମତାମତ ପ୍ରଦାନ ସମ୍ପର୍କରେ**

**ମହାଶୟା/ମହାଶୟ,**

ଓଡିଶାର ମାନ୍ୟବର ରାଜ୍ୟପାଳ ସମ୍ବିଧାନର ଧାରା 243- I ଓ 243-Y ଅନୁସାରେ ଷଷ୍ଠ ଓଡିଶା ଅର୍ଥ କମିଶନ ଗଠନ କରିଛନ୍ତି । ଏହି କମିଶନ ଲୋକସେବା ଭବନ, ଅର୍ଥ ବିଭାଗର ସଂଲଗ୍ନ କୋଠାରେ କାର୍ଯ୍ୟ କରୁଅଛି । ଏହି କମିଶନ ପଞ୍ଚାୟତି ରାଜ ସଂସ୍ଥା ଓ ପୌରସଂସ୍ଥା ମାନଙ୍କ ଉପରେ ନ୍ୟସ୍ତ ମୌଳିକ କାର୍ଯ୍ୟକଳାପ ପରିପ୍ରେକ୍ଷୀରେ ସେମାନଙ୍କ ଆର୍ଥିକ ସ୍ଥିତିର ସମୀକ୍ଷା କରି ଉକ୍ତ ସଂସ୍ଥା ମାନଙ୍କର ଆର୍ଥିକ ଅବସ୍ଥାର ଉନ୍ନତି ନିମନ୍ତେ ସୁପାରିଶ କରିବେ । ଏହି ସୁପାରିଶ କରିବା ସମୟରେ, କମିଶନ ରାଜ୍ୟ ସରକାରଙ୍କ ମୋଟ ରାଜସ୍ୱ ସମ୍ବଳ ପରିପ୍ରେକ୍ଷୀରେ ସାଧାରଣ ପ୍ରଶାସନ, ପୋଲିସ ଓ ବିଚାରବିଭାଗ, ଶିକ୍ଷା, ସରକାରୀ ସମ୍ପତ୍ତିର ରକ୍ଷଣା ବେକ୍ଷଣ, ସାମାଜିକ କଲ୍ୟାଣ, ଋଣ ପରିଶୋଧ ଆଦି ନିମନ୍ତେ ଅବଶ୍ୟକୀୟ ନିଶ୍ଚିତ ବ୍ୟୟଭାର ବିଚାରକୁ ନେବେ ଏବଂ ଏଥି ସହିତ ପଞ୍ଚାୟତି ରାଜ ଓ ପୌର ସଂସ୍ଥା ଗୁଡିକ ଉପରେ ନ୍ୟସ୍ତ ଦାୟିତ୍ୱ ଓ ସେଗୁଡିକର ରୂପାୟନ ନିମନ୍ତେ ୨୦୨୬ ମସିହା ଏପ୍ରିଲ ପହିଲାରୁ ପରବର୍ତ୍ତୀ ପାଞ୍ଚ ବର୍ଷ ପାଇଁ ଆବଶ୍ୟକୀୟ ପାଣ୍ଠି, ଅଧିକ ସମ୍ବଳ ସଂଗ୍ରହର ଆବଶ୍ୟକତା ଓ ପରିସର, ଆର୍ଥିକ ପ୍ରଶାସନର ସୁଦୃଢୀକରଣ ତଥା ସେବା ପ୍ରଦାନ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ଓ ଅଧିକ ସମ୍ବଳ ସଂଗ୍ରହକୁ ପ୍ରୋତ୍ସାହିତ କରିବା ଆଦି ଅନ୍ୟାନ୍ୟ ଆନୁସଙ୍ଗିକ ବିଷୟ ବିଚାରକୁ ନେବେ । ନିମ୍ନଲିଖିତ ବିଷୟ ଉପରେ ନୀତି ନିର୍ଦ୍ଧାରଣ ପୂର୍ବକ କମିଶନ ତାଙ୍କ ରିପୋର୍ଟ ଉପସ୍ଥାପନ କରିବେ ।

(କ) ରାଜ୍ୟ ସରକାର କର, ଶୁଳ୍କ ଓ ଫିସ୍ ଆଦି ସୂତ୍ରରୁ ଆଦାୟ କରୁଥିବା ନିଟ୍ ଅର୍ଥ ରାଜ୍ୟ ସରକାର ଓ ପଞ୍ଚାୟତି ରାଜ ସଂସ୍ଥା ଏବଂ ପୌର ସଂସ୍ଥା ମାନଙ୍କ ମଧ୍ୟରେ ଆବଣ୍ଟନ ଏବଂ ପଞ୍ଚାୟତି ରାଜ ସଂସ୍ଥା ମାନଙ୍କ ପାଇଁ ମୋଟ ଅର୍ଥ ରାଶିରେ ପ୍ରତ୍ୟେକ ସ୍ତରର ଅଂଶ ନିର୍ଣ୍ଣୟ ।

(ଖ) ପଞ୍ଚାୟତି ରାଜ ସଂସ୍ଥା ଓ ପୌର ସଂସ୍ଥା ମାନଙ୍କ ଦ୍ଵାରା ଆଦାୟ ଯୋଗ୍ୟ ହୋଇଥିବା ବା ଉକ୍ତ ସଂସ୍ଥାମାନଙ୍କୁ ସମ୍ପୂର୍ଣ୍ଣ ପ୍ରାପ୍ୟ ହେବାଭଳି କର, ଶୁଳ୍କ ଓ ଫିସ୍ ଆଦି ନିର୍ଣ୍ଣୟ ।

(ଗ) ରାଜ୍ୟ ସରକାର ସଂଗଠିତ ପାଣ୍ଠିରୁ ପଞ୍ଚାୟତି ରାଜ ସଂସ୍ଥା ଓ ପୌର ସଂସ୍ଥା ନିମନ୍ତେ ଅନୁଦାନ ପ୍ରଦାନ ।

ଏତଦ୍ ବ୍ୟତୀତ ପଞ୍ଚାୟତି ରାଜ ଓ ପୌର ସଂସ୍ଥା ମାନେ କିଭଳି ନିଜସ୍ୱ ଆୟ ବୃଦ୍ଧି କରିପାରିବେ ଓ ଲବ୍ଧ ଆୟର କିଭଳି ସଦୁପଯୋଗ କରାଯାଇ ପାରିବ ସେ ବିଷୟରେ ମଧ୍ୟ କମିଶନ ସୁପାରିସ କରିବେ ।

ଯେହେତୁ କମିଶନଙ୍କୁ ସ୍ୱଳ୍ପ ସମୟର ଅବଧି ମଧ୍ୟରେ ତାଙ୍କର ରିପୋର୍ଟ ପ୍ରଦାନ କରିବାକୁ ପଡିବ, ଏହି ପତ୍ର ମାଧ୍ୟମରେ ଆପଣମାନଙ୍କୁ ଅନୁରୋଧ କରାଯାଉଛି କି, ପଞ୍ଚାୟତି ରାଜ ସଂସ୍ଥା ଓ ପୌର ସଂସ୍ଥା ମାନଙ୍କର କାର୍ଯ୍ୟଧାରାର ଉନ୍ନତି ଏବଂ ସେମାନଙ୍କୁ ହସ୍ତାନ୍ତରିତ ହୋଇଥିବା ପାଣ୍ଠି, କାର୍ଯ୍ୟ ଓ କର୍ମଚାରୀ ତଥା ନ୍ୟସ୍ତ ଦାୟିତ୍ୱର ସଠିକ ରୂପାୟନ ସହିତ ସେମାନେ କିଭଳି ଅଧିକ ନିଜସ୍ୱ ସମ୍ବଳ ସଂଗ୍ରହ କରିପାରିବେ, ଏହି ସବୁ ବିଷୟରେ ଆପଣଙ୍କର ସୁଚିନ୍ତିତ ପରାମର୍ଶ ଏବଂ ମତାମତ ସ୍ମାରକ ପତ୍ର ମାଧ୍ୟମରେ ତା- ୩୧.୦୩.୨୦୨୫ରିଖ ସୁଦ୍ଧା ନିମ୍ନ ଠିକଣାରେ ପ୍ରେରଣ କରିପାରିବେ ।

ସମ୍ମାନର ସହିତ

ଆପଣଙ୍କର ବିଶ୍ୱସ୍ତ

ଅରୁଣ ପଣ୍ଡା

(ଡ. ଅରୁଣ କୁମାର ପଣ୍ଡା) ୧୦.୨.୨୫

ଠିକଣା

ସଦସ୍ୟ ସଚିବ, ଓଡିଶା ଅର୍ଥ କମିଶନ
ଅର୍ଥ ବିଭାଗ ସଂଲଗ୍ନ କୋଠା , ଲୋକସେବା ଭବନ , ଭୁବନେଶ୍ୱର,
Email-odisha6thsfc@gmail.com